**ପ୍ରଚାର ଡ଼ାଏରୀ**

**ତା.୨୧.୦୪.୨୦୧୪**

**ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା, ରାଜ୍ୟସଭା**

**ଜଗଦିଶ ଟାଇଟଲରଙ୍କ ଭଳି ଏକ ଖଳ ସ୍ୱଭାବର ଓକିଲଙ୍କୁ କ୍ୟାପ୍ଟେନ ସିଂହ କାହିଁକି ବଞ୍ଚାଉଛନ୍ତି ?**

୧୯୮୪ ମସିହାର ଶିଖ ଗଣହତ୍ୟା ଦେଶର ଏକ କଳଙ୍କିତ ଅଧ୍ୟାୟ ଓ ଯାହାର ପରେ ପରେ ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କ ହତ୍ୟା ମଧ୍ୟ ଭାରତୀୟ ଗଣତନ୍ତ୍ର ଉପରେ ଏକ ଦାଗ କହିଲେ ଅତ୍ୟୁକ୍ତି ହେବନାହିଁ । ହେଲ ଉକ୍ତ ସମୟ ମଧ୍ୟରେ ଯେଉଁ ହଜାର ହଜାର ନିରୀହ ଜନତାଙ୍କୁ ହତ୍ୟା କରାଗଲା ତାହା ଖୁବ ଦୁଃଖଦ ହେଲେ ମଧ୍ୟ ତାହାଠାରୁ ଅଧିକ ଦୁଃଖଦ ହେଉଛି ଦୋଷୀଙ୍କୁ ଏପର୍ଯ୍ୟନ୍ତ ଦଣ୍ଡିତ କରାଯାଇନାହିଁ ।

ରାଜ୍ୟରେ ଏପରି ଏକ ବିରାଟ ଚକ୍ରାନ୍ତ ହୋଇଥିଲା ଯେଉଁଠି  କୌଣସି ଗୋଟିଏ ମଧ୍ୟ ଦଙ୍ଗାକାରୀ ବ୍ୟକ୍ତିଙ୍କ ନାମରେ କେଶ ଫାଇଲ ବା ତାଙ୍କୁ ଆରେଷ୍ଟ କରାଯାଇନାହିଁ । ସେମାନଙ୍କୁ ହତ୍ୟା ଓ ଲୁଟ ପାଟ କରିବା ପାଇଁ ଏକ ଅଭୟ ସାହାରା ମଧ୍ୟ ଦିଆଯାଇଥିଲା । ଏକ ପକ୍ଷରେ କହିବାକୁ ଗଲେ ସେମାନଙ୍କ ଦ୍ୱାରା ରାଜନୈତିକ ସ୍ତରରୁ ହିଁ ଦଙ୍ଗାର ସୃଷ୍ଟି କରାଯାଇଥିଲା ।

ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧିଙ୍କ ସମୟରେ  କଂଗ୍ରେସ ସରକାରଙ୍କ ଦ୍ୱାରା ଜଷ୍ଟିସ ରଙ୍ଗନାଥ ମିଶ୍ରଙ୍କ କମିଶନ ଗଠନ କରାଯାଇଥିଲା ଓ ଶିଖ ଗଣହତ୍ୟାକୁ ରାଜ୍ୟରୁ ସୃଷ୍ଟି ହୋଇଥିବା ହିଂସା କହି କେଶକୁ ଦବାଇ ଦିଆଯାଇଥିଲା । ଯାହା ଫଳରେ ଜଷ୍ଟିସ ମିଶ୍ରଙ୍କୁ ଅବସର ପ୍ରାପ୍ତି ପରେ ମଧ୍ୟ କଂଗ୍ରେସ ପାର୍ଟି ତରଫରୁ ରାଜ୍ୟସଭା ପାଇଁ ମନୋନିତ କରାଯାଇଥିଲା । ହେଲେ ଏନ.ଡ଼ି.ଏ ସରକାର ସମୟରେ ଯେଉଁ ନାନାବତୀ କମିଶନ ଗଠନ କରାଯାଇଥିଲା ତାହା ତଦନ୍ତ କାର୍ଯ୍ୟ ପୁଣି ଚାଲୁ କରି ସତ୍ୟତା ପାଖରେ ପହଞ୍ଚି ପାରିଥିଲେ ଓ ତାହା ପରଠାରୁ ଦଙ୍ଗାରେ ସଂଶ୍ଳିଷ୍ଟ ବହୁ ଦୋଷୀଙ୍କୁ ଦଣ୍ଡ ବିଧାନ ମଧ୍ୟ କରାଗଲାଣି ।

ସତ୍ୟର ଅନୁସନ୍ଧାନ କରିବା ହେଉଛି ଦେଶର ଏକ ନ୍ୟାୟିକ ପଦ୍ଧତି । ତେବେ କ୍ୟାପ୍ଟେନ ଅମରେନ୍ଦ୍ର ସିଂହ କାହିଁକି ଉକ୍ତ ଦଙ୍ଗାରେ ସଂଶ୍ଲିଷ୍ଟ ବୋଲି ଅନୁମାନ କରାଯାଉଥିବା ଓ ଖଳ ପ୍ରକୃତିର ଓକିଲଙ୍କୁ ଶ୍ୱେତପତ୍ର ପ୍ରଦାନ କରିବାକୁ ସ୍ଥିର କରିଛନ୍ତି ? ତେବେ କ୍ୟାପ୍ଟେନ ସିଂହଙ୍କର ଦଙ୍ଗାରେ ବଳି ପଡ଼ିଥିବା ହଜାର ହଜାର ନିରୀହ ଜନତାଙ୍କୁ ନ୍ୟାୟ ଦେବାଠାରୁ ଜଗଦିଶ ଟାଇଟ୍ଲେରଙ୍କ ସହ ଥିବା ବ୍ୟକ୍ତିଗତ ସମ୍ପର୍କ କଅଣ ଅଧିକ ?

କ୍ୟାପ୍ଟେନ ସିଂହ ପୁଣି ମୋତେ ଭୋପାଲ ଗ୍ୟାସ ଦୁର୍ଘଟଣାରେ ବଳି ପଡୁଥିବା ' ଡ଼ୋ ଜୋନ ' ସପକ୍ଷରେ ଠିଆ ହେବା ନେଇ ଦୋଷାରୋପ କରିଛନ୍ତି । ତେବେ ମୁଁ ସ୍ୱଷ୍ଟ କରିବାକୁ ଚାହେଁ କି 'ଡ଼ୋ ଜୋନ' ର ଭୋପାଲ ଗ୍ୟାସ ଦୁର୍ଘଟଣାରେ କୌଣସି ହାତ ନଥିଲା । ଏହା ଏକ ପ୍ରମୁଖ ଆମେରିକୀୟ ଫାଇନାନ୍ସ କମ୍ପାନୀ । ଏହାର ନାମ ୱାଲ ଷ୍ଟ୍ରିଟ ଜର୍ଣ୍ଣାଲରେ ମଧ୍ୟ ଆସିଥିଲା । ଭୋପାଲ ଗ୍ୟାସ ଦୁର୍ଘଟଣାରେ ବଳି ପଡ଼ିଥିବା ବ୍ୟକ୍ତିଙ୍କ ବିପକ୍ଷରେ  ଯେଉଁ ଓକିଲ ଲଢୁଥିଲେ ତାଙ୍କ ନାମ ଥିଲା ଅଭିଷେକ ମନୁ ସିଂହଭି ଓ ସେ କଂଗ୍ରେସ ପାର୍ଟିର ମୁଖ୍ୟ ପ୍ରବକ୍ତା ଥିଲେ । ମୁଁ ହଜାର ହଜାର ମହକିଲଙ୍କୁ ଉପଦେଶ ଦେବା ଭିତରେ ଯଦି କୌଣସି କମ୍ପାନୀ ଉକ୍ତ ଦୁର୍ଘଟଣାରେ ସଂଶ୍ଲିଷ୍ଟ ନହୋଇ ମୋ ଉପଦେଶ ମାଧ୍ୟମରେ ଲାଭବାନ ହେଲା ତେବେ ଏହାକୁ ମୋର ନୈତିକତା ବା ଏକ ଆଦର୍ଶ ଓକିଲ ଭାବରେ ଦେଇଥିବା ଉଚିତ ଉପଦେଶ ବୋଲି ଗ୍ରହଣ କରାଯିବା ଉଚିତ ।

ମୁଁ ନିର୍ବାଚନ ପ୍ରଚାର ସମୟରେ ବହୁ ଅବସର ପ୍ରାପ୍ତ ସୈନିକଙ୍କ ସହ ସାକ୍ଷାତ କରିଅଛି । ସେମାନେ ଦେଶର ସଙ୍କଟାବସ୍ଥାରେ ନିଜର ଜୀବନକୁ ବାଜି ଲଗାଇ ଆମକୁ ଏକ ନିର୍ଭୟ ଜୀବନ ପ୍ରଦାନ କରିଛନ୍ତି । ସେମାନେ ଦେଶପ୍ରେମୀ ଓ ସୁବିଚାର ସମ୍ପର୍ଣ୍ଣ ନାଗରିକ ଅଟନ୍ତି । ' ୱାନ ର୍ୟାଙ୍କ ୱାନ ପେନସନ ' ଯୋଜନା ହେଉଛି ସେମାନଙ୍କର ଦୀର୍ଘ ଦିନର ଦାବି । ବି.ଜେ.ପି ନିଜର ୨୦୧୪ ନିର୍ବାଚନ ଇସ୍ତାହାରରେ ଏହାକୁ ପ୍ରାଧାନ୍ୟତା ଦେଇଅଛି । ହେଲେ କଂଗ୍ରେସ ପାର୍ଟି ବାରମ୍ବାର କରି ସେମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇଚାଲିଛି । କିଛି ବର୍ଷ ପୂର୍ବେ ବଜେଟ ଭାଷଣରେ ଦେଶର ଅର୍ଥମନ୍ତ୍ରୀ ଉକ୍ତ ଦାବିକୁ ପୂରଣ କରାଗଲା ବୋଲି ଘୋଷଣା କରିଥିଲେ ମଧ୍ୟ ତାହା ସମସ୍ତଙ୍କ ପାଇଁ ନଥିଲା । ଚଳିତ ବର୍ଷ ମଧ୍ୟ ବଜେଟ ଭାଷଣରେ ଏହାକୁ ଲାଗୁ କରାଯିବ ବୋଲି କହିଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ଏହା ନେଇ କୌଣସି ନୋଟିଫିକେଶନ ଦିଆଯାଇନାହିଁ ।

ଆଜି ଦେଶର ପ୍ରତିରକ୍ଷା ବିଭାଗ ମଧ୍ୟ ଖୁବ ଅବହେଳିତ । ରକ୍ଷା ମନ୍ତ୍ରୀ ଏ.କେ ଆଣ୍ଟୋନୀଙ୍କ ନିଷ୍ପତ୍ତି ନେବାରେ ଅବହେଳା ହେତୁ ଦେଶକୁ ବହୁ କ୍ଷତି ସହ୍ୟ କରିବାକୁ ପଡ଼ିଲାଣି । ଆଜି ଦେଶ ପାଖରେ ବିରାଟ ସମସ୍ୟା ହେଉଛି ପାକିସ୍ଥାନ ଓ ଚାଇନା ଉଭୟର ସୀମାରେ ସାମରିକ ସୁରକ୍ଷାକୁ ଆହୁରି ଦୃଢ଼ ଓ ମଜଭୁତ କରାଇବା । ଚାଇନା ଦିନକୁ ଦିନ ତାହାର ସାମରିକ ଶକ୍ତିକୁ ବୃଦ୍ଧି କରାଇବା ବେଳେ ପାକିସ୍ଥାନ ନେଇ ସୀମା ବିବାଦର କୌଣସି ସମାଧାନ ମିଳୁନାହିଁ । ସେଠାରେ ଆଧୁନିକ ଓ ନୂତନ ବୁଦ୍ଧି କୌଶଳ ଓ ଗଠନ ମୂଳକ ଯୋଜନା ବଳରେ ସୀମା ସୁରକ୍ଷାକୁ ଉନ୍ନତ କରିବା ନିତ୍ୟାନ୍ତ ଆବଶ୍ୟକ । ଏହାକୁ କୌଣସି ମତ୍ତେ ଅବହେଳା କରାଯାଇ ନପାରେ ।

ବି.ଜେ.ପି ଦେଶର ପ୍ରତିରକ୍ଷା ପ୍ରତି ଅଧିକ ଯତ୍ନଶୀଳ ହେବାକୁ ପ୍ରତିଶ୍ରୁତି ଦିଏ ।